# NATIONAL NEWS BULLETIN (ODIA)
## 20 March - 2025
## Evening Bulletin : 7.15 P.M.

**********************************

## ମୁଖ୍ୟ ସମ୍ବାଦ

- ପ୍ରସ୍ତାବିତ ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣକୁ ନେଇ ଡି.ଏମ୍.କେ. ଏବଂ ଅନ୍ୟ କେତେକ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଅପରାହ୍ଣରେ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କଲେ ବାଚସ୍ପତି ।
- ଉଗ୍ରବାଦ ବିରୋଧରେ ସରକାର ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଛନ୍ତି, କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଇଲେକ୍ଟ୍ରୋନିକ୍ସ ଓ ଆଇ.ଟି. ମନ୍ତ୍ରୀ କହିଛନ୍ତି, ଦେଶ ବିକାଶର ନେତୃତ୍ୱ ନେଉଛନ୍ତି ପାରମ୍ପରିକ ଆଭିମୁଖ୍ୟ ସହ ଶ୍ରେଷ୍ଠ ସରକାରୀ ଅନୁଷ୍ଠାନ ।
- ଛତିଶଗଡ଼ରେ ଦୁଇଟି ପୃଥକ ପୃଥକ ଗୁଳିବିନିମୟ ଘଟଣାରେ ୩୦ ଜଣ ମାଓବାଦୀଙ୍କ ମୃତ୍ୟୁ ।

ଏବଂ

- ଖେଲୋ ଇଣ୍ଡିଆ ପାରା ଗେମ୍ସର ଦ୍ୱିତୀୟ ସଂସ୍କରଣକୁ ଆଜି ନୂଆଦିଲ୍ଲୀ ଠାରେ ଉଦ୍‌ଘାଟନ କଲେ ଯୁବ ବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ।

# ପାର୍ଲାମେଣ୍ଟ ଆଡଜର୍ଣ୍ଣ

ଲୋକସଭା ଓ ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରସ୍ତାବିତ ସୀମା ନିର୍ଦ୍ଧାରଣକୁ ନେଇ ଡି.ଏମ୍.କେ. ଏବଂ ଅନ୍ୟ କେତେକ ବିରୋଧୀ ସାଂସଦଙ୍କ ବିରୋଧ ପରେ ସଂସଦର ଉଭୟ ଗୃହକୁ ଦିନକ ପାଇଁ ମୁଲତବୀ ରଖାଯାଇଛି । ଦ୍ୱିତୀୟଥର ପାଇଁ ମୁଲତବୀ ପରେ ଅପରାହ୍ଣ ୨ଟାରେ ଗୃହ ପୁଣି ଆରମ୍ଭ ହେବାକ୍ଷଣି ଡି.ଏମ୍.କେ. ସାଂସଦମାନେ ଏହି ପ୍ରସଙ୍ଗକୁ ବିରୋଧ କରି ପୁଣିଥରେ ଟି-ସାର୍ଟ୍ ପିନ୍ଧିଥିବାର ଦେଖାଯିବା ପରେ ଗୃହକୁ ଦିନକ ପାଇଁ ମୁଲତବୀ ରଖାଯାଇଛି । ବିକ୍ଷୋଭକାରୀ ସଦସ୍ୟମାନଙ୍କ ପୋଷାକକୁ ନେଇ ପ୍ରିଜାଇଣ୍ଡିଂ ଅଧିକାରୀ ଆପତ୍ତି ଉଠାଇବାରୁ ଗଣ୍ଡଗୋଳ ପରିସ୍ଥିତି ଉପୁଜିଥିଲା । ଏଥିପାଇଁ ଗୃହକୁ ଦିନ ତମାମ ତୁଲତବୀ ରଖାଯାଇଥିଲା ।

ପୂର୍ବରୁ ପ୍ରସ୍ତାବିତ ସୀମା ନିର୍ଦ୍ଧାରଣକୁ ନେଇ ବିରୋଧୀ ସାଂସଦଙ୍କ ବିରୋଧ ମଧ୍ୟରେ ଉଭୟ ଗୃହ ମୁଲତବୀ ହୋଇଥିଲା । ବାଚସ୍ପତି ଓମ୍ ବିର୍ଲା ଡି.ଏମ୍.କେ. ସଦସ୍ୟଙ୍କ ପୋଷାକକୁ ବିରୋଧ କରିଥିଲେ ଏବଂ ଗୃହ ନିୟମ ଅନୁଯାୟୀ ଚାଲିବ ବୋଲି କହିଥିଲେ । କିଛି ସଦସ୍ୟ ଗୃହର ନିୟମ ଓ ମର୍ଯ୍ୟାଦାକୁ ଉଲ୍ଲଙ୍ଘନ କରୁଛନ୍ତି ବୋଲି ବାଚସ୍ପତି କ୍ଷୋଭ ପ୍ରକାଶ କରିଥିଲେ ।

ରାଜ୍ୟସଭାରେ ମଧ୍ୟ ଏହି ପ୍ରସଙ୍ଗ ନେଇ ହଟ୍ଟଗୋଳ ହେବାରୁ ଗୃହକୁ ମୁଲତବୀ ରଖାଯାଇଥିଲା । ପୂର୍ବରୁ ଗୃହକୁ ୩ ଥର ମୁଲତବୀ କରାଯାଇଥିବା ବେଳେ ଅପରାହ୍ଣ ୨ଟା ବେଳେ ପୁଣି ଗୃହରେ ହଟ୍ଟଗୋଳ

ଦେଖାଦେବାରୁ ଉପାଧ୍ୟକ୍ଷ ହରିବଂଶ ଗୃହକୁ ଦିନକ ପାଇଁ ମୁଲତବୀ ରଖିଥିଲେ ।

## ଅମିତ ଶାହା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ନରେନ୍ଦ୍ର ମୋଦୀ ସରକାର ନକ୍ସଲଙ୍କ ବିରୋଧରେ ଦୃଢ଼ ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଶ୍ରୀ ଶାହା କହିଛନ୍ତି, ସମସ୍ତ ସୁବିଧା ପ୍ରଦାନ କରାଯିବା ସତ୍ତ୍ୱେ ଆତ୍ମସମର୍ପଣ କରୁନଥିବା ଉଗ୍ରବାଦୀଙ୍କ ବିରୋଧରେ ସରକାର ଶୂନ୍ୟସହନଶୀଳତା ନୀତି ଗ୍ରହଣ କରୁଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି, ଆଜି ଦେଶର ସୈନିକମାନେ ନକ୍ସଲମୁକ୍ତ ଭାରତ ଅଭିଯାନ ଦିଗରେ ଆଉ ଏକ ବଡ଼ ସଫଳତା ହାସଲ କରିଛନ୍ତି । ଆସନ୍ତା ବର୍ଷ ମାର୍ଚ୍ଚ ମାସ ୩୧ ତାରିଖ ସୁଦ୍ଧା ଦେଶ ନକ୍ସଲମୁକ୍ତ ହେବାର ଲକ୍ଷ୍ୟ ରଖିଛି ବୋଲି ସେ କହିଛନ୍ତି ।

## ଅଶ୍ୱିନୀ ବୈଷ୍ଣବ

ଇଲେକ୍ଟ୍ରୋନିକ୍ସ ଏବଂ ଆଇ.ଟି. ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସେବା କ୍ଷେତ୍ରରେ ଭାରତ ନିଜର ପାରଦର୍ଶିତା ପ୍ରଦର୍ଶନ କରିବା ସହ ଏକ ଉତ୍ପାଦ ରାଷ୍ଟ୍ରରେ ପରିଣତ ହେବା ପାଇଁ ପ୍ରୟାସ କରିବା ଉଚିତ୍ ବୋଲି

ଗୁରୁତ୍ୱାରୋପ କରିଛନ୍ତି । ନୂଆଦିଲ୍ଲୀରେ ଅନୁଷ୍ଠିତ ଭାରତୀୟ ଓ୍ୱେବ୍ ବ୍ରାଉଜର୍ ଡେଭଲପ୍ ମେଣ୍ଟ ଚ୍ୟାଲେଞ୍ଜ ଏବଂ ଚିପ୍ସ-ଟୁ ଷ୍ଟାର୍ଟଅପ୍ ପୁରସ୍କାର ସମାରୋହରେ ଯୋଗଦେଇ ଶ୍ରୀ ବୈଷ୍ଣବ ଏହା କହିଛନ୍ତି । ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ପାରମ୍ପରିକ ଆଭିମୁଖ୍ୟ ସହ ଶ୍ରେଷ୍ଠ ସରକାରୀ ଅନୁଷ୍ଠାନ ଗୁଡ଼ିକ ଦେଶ ବିକାଶର ନେତୃତ୍ୱ ନେଉଛନ୍ତି । ଶିକ୍ଷାବିତ୍, ଷ୍ଟାର୍ଟଅପ୍, ଛାତ୍ରଛାତ୍ରୀ ଏବଂ ଗବେଷକମାନେ ଏକାଠି ହୋଇ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ସହ ନୂତନ ସମାଧାନର ପନ୍ଥା ସୃଷ୍ଟି କରୁଛନ୍ତି ବୋଲି ସେ କହିଛନ୍ତି । ସେ କହିଛନ୍ତି, ଶିଳ୍ପର ସମସ୍ତ ଦିଗରୁ ସମାଧାନ ଆସିବା ଦରକାର ଏବଂ ସମସ୍ତ ପ୍ରତିଭାବାନ ବ୍ୟକ୍ତି ଏକାଠି ହୋଇ ସମାଧାନର ପନ୍ଥା ବାହାର କରିବାର ଆବଶ୍ୟକତା ରହିଛି ।

ଉଲ୍ଲେଖନୀୟ ଉଦ୍ଭାବନ, ସୃଜନଶୀଳତା, ଦକ୍ଷତା ଏବଂ ଦେଶର ଆବଶ୍ୟକତା ଅନୁଯାୟୀ ଏକ ବିଶ୍ୱସନୀୟ ଓ୍ୱେବ୍‌ବ୍ରାଉଜର୍‌ର ବିକାଶରେ ଅଗ୍ରଗତି ପ୍ରଦର୍ଶନ କରିଥିବା ଅଂଶଗ୍ରହଣକାରୀମାନଙ୍କ ପାଇଁ ସେ ଗର୍ବିତ ବୋଲି କହିଛନ୍ତି । ମନ୍ତ୍ରଣାଳୟର ସଚିବ ଏସ୍.କ୍ରିଷ୍ଣନ୍ ସ୍ୱଦେଶୀ ଓ୍ୱେବ୍ ବ୍ରାଉଜ୍‌ର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ।

ଭାରତୀୟ ଓ୍ୱେବ୍ ବ୍ରାଉଜ୍‌ର ଡେଭ୍‌ଲପ୍‌ମେଣ୍ଟ ଚ୍ୟାଲେଞ୍ଜ ଓ୍ୱେବ୍ ବ୍ରାଉଜିଂରେ ଏକ ପରିବର୍ତ୍ତନଶୀଳ ଯାତ୍ରା ପାଇଁ ଏହି ମଞ୍ଚ ପ୍ରସ୍ତୁତ କରାଯାଇଥିଲା । ଏଥିରେ ୪୩୪ଟି ଦଳ ପଞ୍ଜିକୃତ ହୋଇ କଠିନ ଓ

ପ୍ରତିଦ୍ୱନ୍ଦିତା ମୂଳକ ଯାତ୍ରା ଆରମ୍ଭ କରିଥିଲେ । ଏଥିରେ ୮ଟି ଶ୍ରେଷ୍ଠ ଦଳ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିଲେ ।

## ୱେଭସ୍-କର୍ମଶାଳା

ବିଶ୍ୱ ଅଡିଓ ଭିଜୁଆଲ ଏବଂ ମନୋରଞ୍ଜନ ଶିଖର ସମ୍ମିଳନୀ-ୱେଭ୍‌ସ'ର ଏକ କର୍ମଶାଳା ଆଜି ଭୁବନେଶ୍ୱରର ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ହୋଇଯାଇଛି । କର୍ମଶାଳାରେ କେନ୍ଦ୍ର ଦକ୍ଷତା ବିକାଶ ଓ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ଯୋଗ ଦେଇଥିଲେ । ଏହି କର୍ମଶାଳାରେ ଉଦ୍ୟୋଗୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା, ଆର୍ଥିକ ବୃଦ୍ଧି ଅନ୍ତର୍ଭୁକ୍ତୀକରଣ, ଡିଜିଟାଲ୍ ଦକ୍ଷତା ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା ।

ୱେଭ୍‌ସ୍ ହେଉଛି ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଯାହାକି, ସମଗ୍ର ଗଣମାଧ୍ୟମ ଓ ମନୋରଞ୍ଜନ କ୍ଷେତ୍ରକୁ ଏକାଠି କରି ମଇ ମାସ ୧ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇଠାରେ ଏକ ସମ୍ମିଳନୀର ଆୟୋଜନ କରାଯିବ ।

## ଛତିଶଗଡ଼-ଏନ୍‌କାଉଣ୍ଟର

ଛତିଶଗଡ଼ରେ ଦୁଇଟି ପୃଥକ ପୃଥକ ଗୁଳି ବିନିମୟରେ ୩୦ ଜଣ ମାଓବାଦୀଙ୍କର ଆଜି ମୃତ୍ୟୁ ଘଟିଛି । ବିଜାପୁର ଜିଲ୍ଲାର ବସ୍ତର ଡିଭିଜନ୍

ଜଙ୍ଗଲରେ ମାଓବାଦୀମାନଙ୍କ ଉପସ୍ଥିତି ଗୁଇନ୍ଦା ସୂତ୍ରରୁ ସୂଚନା ପାଇ ସୁରକ୍ଷା ବାହିନୀ ଏବଂ ପୁଲିସ୍ ବାହିନୀ ମିଳିତ ଅଭିଯାନ ଆରମ୍ଭ କରିଥିଲେ । ମିଳିତ ବାହିନୀ ପକ୍ଷରୁ ଗାଙ୍ଗାଲୁରୁ ଅଞ୍ଚଳରେ କୁମ୍ବି ଅପରେସନ୍ କରାଯାଉଥିବା ସମୟରେ ସେମାନଙ୍କର ମାଓବାଦୀମାନଙ୍କ ସହ ଗୁଳି ବିନିମୟ ଆରମ୍ଭ ହୋଇଥିଲା । ଏହି ଅଭିଯାନରେ ଜିଲ୍ଲା ସଂରକ୍ଷିତ ବାହିନୀର ଜଣେ ଯବାନ ସହିଦ ହୋଇଥିଲେ । ତେବେ ଘଟଣା ସ୍ଥଳରୁ ୨୬ ଜଣ ମାଓବାଦୀଙ୍କ ମୃତ ଦେହ ଉଦ୍ଧାର କରାଯିବା ସହ ବିପୁଳ ପରିମାଣର ସ୍ୱୟଂଚାଳିତ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସାମଗ୍ରୀ ସୁରକ୍ଷା ବାହିନୀ ପକ୍ଷରୁ ଜବତ କରାଯାଇଛି । ସେହି ଅଞ୍ଚଳରେ ପୁଲିସ୍ ପକ୍ଷରୁ କୁମ୍ବି ଅପରେସନ୍ ଜାରି ରହିଛି । ଛତିଶଗଡ଼ର କଙ୍କର ଜିଲ୍ଲା ଅଞ୍ଚଳରେ ଅନ୍ୟ ଏକ ଅଭିଯାନରେ ଗୁଳି ବିନିମୟ ଘଟି ୪ଜଣ ମାଓବାଦୀ ପ୍ରାଣ ହରାଇଛନ୍ତି ।

## ଏଲ୍ଏସ୍-ଫାର୍ମର୍

ସରକାର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ସହ ଜଡ଼ିତ ବିଭିନ୍ନ ଯୋଜନା ଅଧୀନରେ ୧୧୦୦ରୁ ଅଧିକ ଭିତ୍ତିଭୂମି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି । ଏହି ପ୍ରକଳ୍ପ ଅନୁମୋଦନ ହେବା ଦ୍ୱାରା ଏଥିରେ ୫ ଲକ୍ଷରୁ ଅଧିକ କୃଷକ ଉପକୃତ ହେବେ । ଏହି ଯୋଜନା ଗୁଡ଼ିକ ମଧ୍ୟରେ ପ୍ରଧାନମନ୍ତ୍ରୀ କିଶାନ୍ ସମ୍ପଦ ଯୋଜନା, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପାଇଁ ଉତ୍ପାଦନ ସଂଯୁକ୍ତ

ପ୍ରୋତ୍ସାହନ ଯୋଜନା ଏବଂ କେନ୍ଦ୍ରୀୟ ପ୍ରାୟୋଜିତ ପ୍ରଧାନମନ୍ତ୍ରୀ ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ଯୋଜନା ଅନ୍ତର୍ଭୁକ୍ତ । ଲୋକସଭାରେ ଆଜି ଏକ ଲିଖିତ ଉତ୍ତରରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ରବନୀତ ସିଂହ ଏହି ସୂଚନା ଦେଇଛନ୍ତି । ମନ୍ତ୍ରଣାଳୟ ୪୬ ହଜାର କୋଟି ଟଙ୍କାରୁ ଅଧିକ ପ୍ରକଳ୍ପ ବ୍ୟୟରେ ୪୧ଟି ମେଗା ଫୁଡ୍ ପାର୍କକୁ ଅନୁମୋଦନ କରିଛି ବୋଲି ରାଷ୍ଟ୍ରମନ୍ତ୍ରୀ କହିଛନ୍ତି ।

## ଆର୍‌ଏସ୍-ଅନ୍‌ଏମ୍ପ୍ଲୋଏମେଣ୍ଟ ରେଡ୍

ଦେଶରେ ଆନୁମାନିକ ବେରୋଜଗାରୀ ହାର ୨୦୧୭-୧୮ ବର୍ଷରେ ୬ ପ୍ରତିଶତକୁ ହ୍ରାସ ଘଟି  ୨୦୨୩-୨୪ ବର୍ଷରେ ୩ ଦଶମିକ୍ ୨ ପ୍ରତିଶତରେ ପହଞ୍ଚିଛି । ଶ୍ରମ ଓ ରୋଜଗାର ରାଷ୍ଟ୍ର ମନ୍ତ୍ରୀ ଶୋଭା କରନ୍ଦଲାଜେ ରାଜ୍ୟସଭାରେ ଏକ ଲିଖିତ ଉତ୍ତରରେ କହିଛନ୍ତି, ବି-ନିର୍ମାଣ କ୍ଷେତ୍ରରେ ରୋଜଗାର ୨୦୨୧-୨୨ରେ ୬ କୋଟି ୧୦ ଲକ୍ଷରୁ ବୃଦ୍ଧି ଘଟି ୨୦୨୨-୨୩ରେ ଏହା ୬ କୋଟି ୩୦ ଲକ୍ଷରେ ପହଞ୍ଚିଛି । ଏହି ସମୟ ମଧ୍ୟରେ ୨୦ ଲକ୍ଷରୁ ଅଧିକ ରୋଜଗାର ବୃଦ୍ଧି ଘଟିଛି ।

ମନ୍ତ୍ରୀ କହିଛନ୍ତି, ଦେଶରେ ସରକାର ବିଭିନ୍ନ ରୋଜଗାରକ୍ଷମ ଯୋଜନା ଗୁଡ଼ିକୁ କାର୍ଯ୍ୟକାରୀ କରିଛନ୍ତି । ସେଥିମଧ୍ୟରେ ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ, ମହାତ୍ମା ଗାନ୍ଧି ରାଷ୍ଟ୍ରୀୟ ଗ୍ରାମୀଣ

ରୋଜଗାର ଗ୍ୟାରେଣ୍ଟି ଯୋଜନା, ଦିନ୍ ଦୟାଲ୍ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଏବଂ ଷ୍ଟାର୍ଟଅପ୍ ଇଣ୍ଡିଆ ଆଦି ଅନ୍ତର୍ଭୁକ୍ତ ।

## ଖେଲୋ ଇଣ୍ଡିଆ

ଖେଲୋ ଇଣ୍ଡିଆ ପାରା ଗେମ୍ସର ଦ୍ୱିତୀୟ ସଂସ୍କରଣକୁ ଆଜି ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧି ଇଣ୍ଡୋର ଷ୍ଟାଡିୟମ୍‌ର କେ.ଡି. ଯାଦବ ହଲ୍‌ରେ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଡକ୍ଟର ମାଣ୍ଡବ୍ୟ ଖେଲୋ ଇଣ୍ଡିଆ ସମଗ୍ର ଦେଶରେ କ୍ରୀଡ଼ାର ଅଭିବୃଦ୍ଧି ଏବଂ ବିକାଶ କ୍ଷେତ୍ରରେ ଏକ ପ୍ରମୁଖ ସୁଯୋଗ ସୃଷ୍ଟି କରିପାରିଛି ବୋଲି କହିଛନ୍ତି । କ୍ରୀଡ଼ା ମନ୍ତ୍ରୀ କହିଛନ୍ତି, ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ଅଧୀନରେ ଦେଶରେ ଅନେକ କ୍ରୀଡ଼ାବିତ୍ ଏ କ୍ଷେତ୍ରରେ ସୁଯୋଗ ପାଇବା ସହ ନିଜର ପରାକାଷ୍ଠା ପ୍ରଦର୍ଶନ କରିପାରିଛନ୍ତି । ପ୍ୟାରିସ୍ ଠାରେ ଅନୁଷ୍ଠିତ ଗତ ପାରା ଅଲିମ୍ପିକ୍ ଖେଳରେ ଭାରତୀୟ କ୍ରୀଡ଼ାବିତ୍‌ମାନେ ନିଜର ପରାକାଷ୍ଠା ପ୍ରଦର୍ଶନ କରି ୨୯ଟି ପଦକ ହାସଲ କରିଥିଲେ । ଚଳିତ ବର୍ଷ କେଲୋ ଇଣ୍ଡିଆ ପାରା ଗେମ୍ସ ୨୦୨୫ରେ ଅଂଶଗ୍ରହଣ କରିଥିବା ସମସ୍ତ କ୍ରୀଡ଼ାବିତ୍‌ମାନଙ୍କୁ କେନ୍ଦ୍ର ମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି ।

**V/O**

ପ୍ରସାର ଭାରତୀର ସ୍ପୋର୍ଟ୍ସ୍ ୟୁ-ଟ୍ୟୁବ୍ ଚ୍ୟାନେଲ୍‌ରେ ଉଦ୍‌ଘାଟନୀ ଉତ୍ସବର ସିଧାପ୍ରସାରଣ କରାଯାଉଛି । ରାଜଧାନୀ ଦିଲ୍ଲୀର ୩ଟି ସ୍ଥାନରେ ଦ୍ୱିତୀୟ ଖେଲୋଇଣ୍ଡିଆ ପାରାଗେମ୍ସ ଆରମ୍ଭ ହେଉଥିବାବେଳେ ୬ଟି କ୍ରୀଡ଼ା ବିଭାଗରେ ଏକହଜାର ୩୦୦ରୁ ଅଧିକ ପାରା କ୍ରୀଡ଼ାବିତ୍ ଭାଗ ନେଉଛନ୍ତି ।